ମୁଖଶାଳା

ଚିତ୍ତରଞ୍ଜନ ମିଶ୍ର

Digitized by srujanika@gmail.com

ମୁଖଶାଳା

ଚିତ୍ତରଞ୍ଜନ ମିଶ୍ର

ଜଗଦେବ ପତ୍ରିକାସଂସ୍ଥା

କଟକ ॥ ୧୯୮୪

Digitized by srujanika@gmail.com

ଉତ୍ସର୍ଗ :
ମୋର ଅଜା ସ୍ୱର୍ଗତ ଆର୍ତ୍ତତ୍ରାଣ ମିଶ୍ରଙ୍କ
ପବିତ୍ର ସ୍ମୃତି ପ୍ରତି ॥

ମୁଖଶାଳା ॥ କବିତା ସଂକଳନ ॥ ଲେଖକ : ଚିତ୍ତରଂଜନ ମିଶ୍ର, ଅଧ୍ୟାପକ, ଇଂରାଜୀ ବିଭାଗ, ଗଂଗାଧର ସାଂଧ୍ୟ ମହାବିଦ୍ୟାଳୟ, ସମ୍ବଲପୁର-୭୬୮ ୦୦୪ ॥ ପ୍ରକାଶିକା : ଶ୍ରୀମତୀ ତୁଳସୀମଂଜରୀ ଜଗଦେବ ଜଗଦେବ ପବ୍ଲିକେଶନ୍ସ, କଟକ-୭୫୩ ୦୦୮ ॥ ପ୍ରଥମ ପ୍ରକାଶ ଡିସେମ୍ବର, ୧୯୮୪ ॥ ପ୍ରଚ୍ଛଦ-ଅଙ୍କନ : ଉଦୟ ନାରାୟଣ ଜେନା ॥

MUKHOSHALA : A Volume of Poems in Oriya. Writer : Chitta Ranjan Mishra, Department of English, G. M. (Evening) College, Sambalpur-768004, Orissa, India. First Published in December 1984 by Smt. T. M. Jagadeb, Jagadeb Publications, Cuttack-753008. Printed in India at Lily Press, Cuttack-753002.

ମୂଲ୍ୟ : ଟ୧୦.୦୦
Price : Rs.10.00

Digitized by srujanika@gmail.com

॥ ସୂଚୀ ॥

ସଂପର୍କ/୯
ଅପରମିତା/୧୦
ପ୍ରତ୍ନତତ୍ତ୍ୱ/୧୧
ଯୁଗଶେଷ/୧୨
ଋତୁ/୧୩
ମାଳ/୧୪
ସେ ଏକ କାମନାର ନିରଂଜନା ନଈ/୧୫
ପାନ୍ଥଶାଳା/୧୭
ସମସ୍ଥାନ୍ତର/୧୮
ଅଧା ବାଟରେ/୨୦
ନଈ/୨୧
ଛବି/୨୩
କେବଳ ଗୋଟିଏ ମୋହ/୨୪
ଜ୍ୟାମିତି/୨୫
ବରଂ ବିକର୍ଷଣରେ/୨୭
ଦ୍ରୌପଦୀ/୨୯
ସଂପର୍କ ଯେଉଁଠି ସମାନ୍ତର/୩୧
ଅବ୍ୟକ୍ତ ଶବ୍ଦର ସ୍ୱର/୩୩
ବର୍ଷା/୩୩
ମୌସୁମୀ/୩୫
ପ୍ରଶ୍ନହୀନତା ପର୍ଯ୍ୟନ୍ତ/୩୬
ଲଳର ହସରେ/୩୮
ଥରଟିଏ/୪୦
ବେସୁରା ବେପଥୁ/୪୨
ଖେଳ/୪୩
ଶିଳ୍ପୀକୁ/୪୭
ଭ୍ରମ ରାସ୍ତା/୪୮
ପୃଥକ୍ ପୃଥିବୀ/୫୦
ପ୍ରତିଶ୍ରୁତି/୫୧
ଭିନ୍ନ ଏକ ଆତ୍ମତା/୫୨
ଅଶ୍ରୁର ଫସଲ/୫୩
ଆଜ ସେଠି ପିଚୁରୋଡ଼/୫୪
ଦୁଃଖ/୫୫
ଅସ୍ତରାଗ/୫୭
●/୫୯
ଲକ୍ଷ୍ମୀ/୬୦

Digitized by srujanika@gmail.com

॥ ନିଜ କଥା ॥

ଏହି ସଂକଳନରେ ସନ୍ନିବେଶିତ କବିତାମାନଙ୍କ ଭିତରୁ କେତେକ ଭିନ୍ନ ଭିନ୍ନ ସମୟରେ "ଝଙ୍କାର", "ସହକାର", "ଆସନ୍ତାକାଲି", "ଅମୃତାୟନ" ଓ "ପ୍ରଜାତନ୍ତ୍ର" ସାହିତ୍ୟ ବିଭାଗରେ ପ୍ରକାଶିତ ହୋଇଛି । ମୋର ଏହି ପ୍ରଥମ କବିତା ସଂକଳନ ପାଇଁ ପ୍ରକାଶନର ସମସ୍ତ ଦାୟିତ୍ୱ ବହନ କରିଥିବାରୁ ଏବଂ ଉତ୍ସାହିତ କରିଥିବାରୁ "ମୂଲ୍ୟାୟନ"ର ସଂପାଦକ ଶ୍ରୀ ପ୍ରଫୁଲ୍ଲ କୁମାର ଜଗଦେବଙ୍କୁ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି ।

ଗଂଗାଧର ମେହେର ସାଂଧ୍ୟ ମହାବିଦ୍ୟାଳୟ — ଶିଭରଞ୍ଜନ ମିଶ୍ର
ସମ୍ବଲପୁର-୭୬୮ ୦୦୪ ୧୬.୯.୧୯୮୪

Digitized by srujanika@gmail.com

ସମ୍ପର୍କ

ସେ ତ କିଛି ହଜାଇ ନଥିଲା ଯେ
ଖୋଜିଥାନ୍ତା ସବୁଦିନ, ସବୁଠାରେ
ମୋ ଭଳି
ଅବ୍ୟକ୍ତ ଶବ୍ଦକୁ
ଏବଂ ସବୁଠାରୁ ନିଜର ମନେ ହେଉଥିବା
ପ୍ରିୟତମ ବସ୍ତୁଟିକୁ
ନିଜେ ବୁଝି ପାରୁ ନଥିବା
ଅପ୍ରିୟ ଯନ୍ତ୍ରଣାସିକ୍ତ ଦର୍ଶନ ଭିତରେ !
ମୁଁ ତ ଏମିତି କିଛି ଚାହିଁ ନଥିଲି ଯେ
ତା ଭଳି
ନିଜ ଆନନ୍ଦର ନିବୁଜ୍ ନିକଟତାରେ
ପାଇବାର ପ୍ରତ୍ୟୟ ଭିତରେ
ହୋଇଥାନ୍ତି ସ୍ନିଗ୍ଧ
ଏବଂ ସବୁଜ, ସୁନ୍ଦର !
ହୁଏତ ମୁଁ ମୁଣ୍ଡିଆ ମାରିବା ବେଳେ
ସେ ଦେଉଳରେ ଘଣ୍ଟ ବାଡ଼େଇ
ଚାଲି ଯାଇଥାଏ
ତା ଅଜଣାରେ
ଓ ସେ ଜାଳିଦେଇ ଯାଇଥିବା ଦୀପରେ
ମୁଁ ପୁଣି ମୋ ଦୀପ ଲଗାଇ
ତା ଶିଖାକୁ ଧରିରଖେ
ମୋ ଅଜଣାରେ ।

Digitized by srujanika@gmail.com

ଅପରମିତା

ସେ ଅପରମିତ ଦୂରତା
ଲମ୍ବିଗଲେ ଲମ୍ବିଯାଉ କ୍ଷତି କିଛି ନାହିଁ ।
ସେ ତ ଆଉ ନାହାଁ ମୋର
ପରମିତର ପରିଧି ଭିତରେ
ତା ନୀରବତା ବି ଯେମିତି ଏକ
ଉଦ୍ଭଟ ଶୃଙ୍ଖଳା ।
ସମ୍ଭବତଃ ଆଜ ବର୍ଷା ହେବ
ସର୍ଜିଦେବା ପାଇଁ
ଲାଲ୍ କୃଷ୍ଣଚୂଡ଼ାମାନଙ୍କ ଗର୍ବ
ଖରାବେଳଟା ସଙ୍କୁଚିତ ହୋଇଯିବ
କେତେଗୋଟି ବିରକ୍ତ ମେଘରେ ।
ଗୋଲାପଟି ଝଡ଼ିଗଲେ
ଝଡ଼ି ତ ଯାଏନି ବଗିଚାଟିର ଆତ୍ମା
ହୁଏତ ରାତିକ ଭିତରେ
ଘସି ଯାଇଥିବ କୃଷ୍ଣଚୂଡ଼ାର ଶବ
ଓ ବଗିଚା ସବୁଜ ହୋଇ ଉଠିଥିବ
ଘାସଫୁଲର ମାୟାରେ ।

Digitized by srujanika@gmail.com

ପ୍ରତ୍ନତତ୍ତ୍ୱ

ହୁଏତ ମୁଁ ଭୁଷୁଡ଼ି ପଡ଼ିଥାନ୍ତି
ମୋ ଅତୀତ, ବର୍ତ୍ତମାନ ଓ
ଭବିଷ୍ୟତର ଶୂନ୍ୟ ପ୍ରିଜ୍‌ମ୍‌ଟିରେ
ଭିତରର ଅମାପ ଦୁଃଖରେ
ଉପରର ସପ୍ତରଙ୍ଗୀ କୁହୁକ ମାୟାରେ ।
ହୁଏତ କୋଣାର୍କ ଆଜି ହୋଇଥାନ୍ତା ଶିଳାସ୍ତୂପ
ଧରି ସେ ନଥାନ୍ତା ଯତ୍ନ ଗର୍ଭେ ତାର
ରାଶି ରାଶି ବାଲୁକାର ସ୍ତର
ଢାଙ୍କି ଦେଇ ଚିର ବସୁନ୍ଧରେ
କଳେବର ତା'ର ଅନ୍ତରର ।
ମୁଁ ଆଜି ଯାଉଛି ଭୁଲି
ମୋ ହୃଦର ଅଭ୍ୟନ୍ତରେ ପ୍ରିୟାର ସାହଚର୍ଯ୍ୟ
ନିବୁଜ୍ ଗୁମ୍ଫାର କାନ୍ଥେ
ଶିଳାଲିପି ଅଟେ ଖାଲି ନଷ୍ଟ ପ୍ରତ୍ନତତ୍ତ୍ୱ ।
ତଥାପି ପ୍ରତୀକ୍ଷା କାରେ ଯୁଗ ଯୁଗ ନାଟ୍ୟ ମନ୍ଦିରର
ପ୍ରସ୍ତରର ଅଭୀପ୍ସାରେ ଝଙ୍କେ ତୋଳେ
କେଉଁ ଛନ୍ଦମୟୀର ନୂପୁର !
ମୋ ହୃଦର ସ୍ତର ସ୍ତର ଶିଳା ସମ କଠିନ ବ୍ୟଥାରେ
ଏବେ ମଧ୍ୟ ଚିରନ୍ତନ ପ୍ରତୀକ୍ଷାର ସୁର ।

Digitized by srujanika@gmail.com

ଭାଗଶେଷ

ତୁ ଆଜ ଆସିବୁ ନାହିଁ
ଚନ୍ଦ୍ର ହୋଇ ଉଇଁବାକୁ ଏଇ ଦିଗନ୍ତରେ
ପୂର୍ଣ୍ଣିମାର ଶଙ୍ଖଶୁଭ୍ର ଜୋଛନାର
ବିସ୍ତୃତ ଆକାଶେ
ରୂପାର ବାଦଲ ଫାଙ୍କେ
ନୀଳ ତାରକାର ନୀଳ ଜ୍ୟୋତିର ବିନ୍ଦୁରେ
ଆଙ୍କିବୁନି ପ୍ରଶ୍ନବାଚୀ
ରଚିବୁନି ସପ୍ତର୍ଷିମଣ୍ଡଳ ।
ମୋ ହୃଦର ପଞ୍ଜୁରିରେ
ପୋଷିଥିଲୁ ପକ୍ଷୀଟିଏ ତୋ ସ୍ନେହର
ତା କଥା ବୁଝିବୁ ନାଇଁ ଆଉ ତୁହି
ତୋ ହାତରୁ ଆହାର ନେବାକୁ
ରହିଁ ରହିଁ ଉପବାସେ
ସେ ଆଜ ଯାଇଛି ଉଡ଼ି ପଞ୍ଜୁରୀରୁ
ବିସ୍ତୃତ ଆକାଶେ
ଯୋଜନ ଯୋଜନ ଡେଇଁ
ମୋଠାରୁ ନିଖୋଜ ହୋଇ
ସେ ଆଜ ଖୋଜୁଛି ତୋତେ
ନୀଳ ବନାନୀରେ ।

Digitized by srujanika@gmail.com

ଋତୁ

ପଦ୍ମବନ ପୋଢ଼ିଗଲ୍ ବେଳେ
କୁହୁଡ଼ିର ପଣତରେ ଲୁଚାଇଥିଲୁ ତୋ ମୁହଁ ।
ଆଷାଢ଼ର ଅସରା ଭିତରେ
ହରିତ୍ ବଣରେ ଛପି
ଖେଳୁଥିଲୁ ମୟୂର ସାଥିରେ ।
ବୈଶାଖର ଝୁର ଖରାବେଳେ
ଶୁଣିଥିଲୁ ବାୟା ଚଢ଼େଇର ଗୀତ
ଶୋଇ ଶୋଇ ତୋଟା ଗଛତଳେ ।
ଲୁଚକାଳି ଖେଳି ଖେଳି
ତୁ ଯାଇ ରହିଲୁ କେଉଁ ଭିନ୍ନ ଗୋଲାର୍ଦ୍ଧରେ ।
ତୋ ଧରାର ବସନ୍ତରେ
ଆଜି ଏଠି ଫୁଲ ଫୁଟେ ନାହିଁ
ବହେନା ମଳୟ
କୋଇଲି ଗାଏନା ଗୀତ
ଶୁଖିଲା ଡାଳରେ ଆଉ
ଧରେ ନାହିଁ ନବ କିଶଳୟ ।
ପଦ୍ମବନ ପୋଢ଼ିଗଲ୍ ବେଳେ
କୁହୁଡ଼ିର ପଣତରେ ଲୁଚାଇଥିଲୁ ତୋ ମୁହଁ ।
ବରଫର ଆଗ୍ନେୟ ଝଡ଼ରେ
ଛିନ୍ନଭିନ୍ନ ହୁଏ ଆଜି
ପାଖୁଡ଼ା ଓ ଫୁଲର ପ୍ରତ୍ୟୟ ॥

Digitized by srujanika@gmail.com

ନୀଳ

ନୀଳ ଅପରାଜିତାର କାକର ଛନ୍ଦରେ
ନୀଳ ନୀଳ ନୟନର ସଜଳ ସ୍ମୃତିରେ
ନୟନାର ପରିଚିତି ହଜିଯାଏ
ଅନାମିକାର ଅସତ୍ୟ ସୌନ୍ଦର୍ଯ୍ୟର
ଝଲାମିତା ନେଇ
ପୂର୍ବାଶାରେ ପହଞ୍ଚେ ସକାଳ ।
ନୀଳ ନଈ ବହୁଦୂର
ନୀଳ ନଭ ବହୁଦୂର
ସେଥିପାଇଁ ବହୁତ ସୁନ୍ଦର
ମନତଳେ ମାନଚିତ୍ରଟିର
ଅକ୍ଷାଂଶ ବଦଳେ ନିତି
ତୃଷ୍ଣା ପାଇ ନୀଳ କଲମର ।
ନୀଳ ମସ୍ଲିଟଙ୍କା ହୁଏ ସେମ୍ୟାଣ୍ଡର ସହର
ନୀଳ କାଚ ବଦଳାଇ ମନ ପ୍ରକୋଷ୍ଠର
ପିଆଲର ଧାରେ ଓଠ
ନୀଳ ପ୍ରଜାପତି ପରି
ନୀଳ ବିଷ ନିଶାରେ ବିଭୋର ।

Digitized by srujanika@gmail.com

ସେ ଏକ କାମନାର ନିରଞ୍ଜନା ନଈ

ସେ ଏକ ସମ୍ଭାବନା
ଯା ଭିତରେ ଅଲକ୍ଷ୍ୟରେ ଲମ୍ବିଯାଏ
ପ୍ରତୀକ୍ଷାର ସ୍ରୋତ
ଯା ସୁଅର ପ୍ରତିକୂଳେ
ଯାଯାବର ପରି ନମ୍ର ସବୁ ପୂର୍ଣ୍ଣଚ୍ଛେଦ ।
ସେ ଏକ ବୈତରଣୀ
ବେଗବତୀ, ମଧୁର, ମୃଦୁଳ ଏବଂ
ବହୁବାର ଭୟଙ୍କର ତା'ର ଗତି
ତା ଗଭୀର ତଳର ଅନ୍ଧାର ।
ସେ ଏକ ପ୍ରାପ୍ତିର ମୋହ
ଗନ୍ଧ ଏକ ଅଦୃଶ୍ୟ ଚମ୍ପାର
ଶୂନ୍ୟତାର ଗଡ଼ଖାଇ
ହତାଶାର ସୁଡ଼ଙ୍ଗ ଘେରରେ
ସେ ତ ସ୍ୱପ୍ନାପ୍ଲୁତ ଏକ
ମାୟାବିନୀ ରାଣୀହଂସପୁର
ପ୍ରାପ୍ତି ଏକ ଦୀର୍ଘ ଅଭିସାର
ଯେଉଁ ଦୀର୍ଘତାରେ ଧାଇଁ
ଅଶ୍ୱାରୋହୀ ଡେଇଁ ପାରେ ନାହିଁ
ପରିଖାରୁ ଦୁର୍ଗ ଅଭ୍ୟନ୍ତର
ମଉଳା ପାଖୁଡ଼ା ଯୋଡ଼ି
ପାରେନାହିଁ ଫୁଲ ନାଆଁ କହି
ଚିହ୍ନେ ନାହିଁ ପ୍ରଜାପତି ନିସ୍ତେଜ ଡେଣାରେ
ଅଭିପ୍ସିତା ଅଭିସାରିକାର ପାଠଧଡ଼
ମଲଜଚ୍ଛେ ପ୍ରତୀକ୍ଷିତ ରାତିର ସ୍ୱୀକାର ।

Digitized by srujanika@gmail.com

ସେ ଏକ ପ୍ରତିଶ୍ରୁତି ସର୍ତ୍ତହୀନତାର
ଆପଣାର ଆରୋପିତ କଳ୍ପନାର
ଚିର ଅନ୍ୱେଷଣ ।
ନହିଁ ସମୁଦ୍ରର ସ୍ତବ୍ଧ ଅକମ୍ପିତ ଉଦାସୀନତାରେ
ଶବ୍ଦହୀନ ଆୟୋଜନ ଉପକୂଳ ଗର୍ଜନର
ଦରିଦ୍ରର ବାଲୁକା ପରିଖା ପାଇଁ
କମ୍ପନର ଅସ୍ଫୁଟ ସମ୍ଭାର
ଜୁଆରର ଚିର ଉଦ୍‌ବେଳନ ।

Digitized by srujanika@gmail.com

ପାନ୍ଥଶାଳା

ତୁମକୁ ବାଦ୍ ଦେଇ ଆଉ କାହାକୁ କଣ
ଭଲ ପାଇ ହୁଏ ?
ନା ଘୃଣା କରି ହୁଏ ?
ଉପଦ୍ରବୀମାନଙ୍କରୁ ପୁଣି
ଫେରିବାକୁ ପଡ଼େ
ଏକମୁହାଁ ସେଇ ପୁରୁଣା ସହରଟିକୁ
ଯେଉଁଠି ତୁମକୁ ଖୋଜିବାର
ଜଚ୍ଛୁ ମାନେ ହୁଏନା ।
ନା. ଥାଏ ତୁମ ବଦଳରେ
ଆଉ କାହାକୁ ଖୋଜିବାର ବାହାନା
ଏ ଜୀବନେ ଅନୁଭବ
ସ୍ରୁତ ସମ ବହିଯାଏ ତୁମ ଖିଆଲରେ ।
ମିଳେ ନାହିଁ ଠାନପାନ
ମିଳେ ନାହିଁ ସେଇଭଳି ସାଥୀ
ଏ ପାନ୍ଥଶାଳାରେ ଆଜି
ବେଳେବେଳେ ନିଶାଖୋର
କେତୋଟି ଅତିଥି ।

Digitized by srujanika@gmail.com

ସମୟାନ୍ତର

ସମୟ ଯାଇଛି ହୋଇ ଅସମୟ
ବାସନା ପାଲଟିଲାଣି ନିର୍ବାସନା ଏ ଭିତରେ
ରଚ ନିର୍ବାସନ । ଲମ୍ବି ଯାଏ ଅନିର୍ଦ୍ଦିଷ୍ଟ କାଳ
ସେ ଅଜ୍ଞାତବାସ ଏବଂ
ନିଶାର୍ଦ୍ଧର ଗମ୍ଭୀର ମର୍ମର ।
ତୁମେ କଣ ଶୁଣିପାର ? ଏ ବିଶ୍ୱାସ
ହୁଏ ନାହିଁ ମୋର । ତୁମେ ତ ରହିଲ ଯାଇ
ନିଷିଦ୍ଧ ଦ୍ୱୀପରେ । ନିରବଧି ପୋତାଶ୍ରୟ
ଗଭୀର ଓ ସ୍ଥିର, ଯାର ପ୍ରଶସ୍ତ ସ୍ତବ୍ଧତାରେ
ସ୍ୱପ୍ନର ବନ୍ଦରଟିଏ ରଚେ ପ୍ରତିବିମ୍ବ
ତୁମ ପାଇଁ । ଯେଉଁଠି ସମୟ ଏକ
ଗାଡ଼ିର ଗିଅର୍-ଦଣ୍ଡ ଶୂଳକର ଚାପୁଲା ଭିତରେ ।
ବାଇଶି ପାହାଚ ପରେ
ଚଢ଼ି ଚଢ଼ି ଗଲା ପରେ ପାଦ ମୋର
ବାଇଶି ପାହାଚ, ମୁଁ କଣ ହୋଇଯାଏ
ସ୍ଥିତପ୍ରଜ୍ଞ ? ଭୁଲିଯାଏ ତୁମ ମୋହ
ତୁମର ଆଖିର ମୌନ ଆର୍ଦ୍ରତା ଉଜେଇବାକୁ
ଆଖିବୁଜା ଚକାଆଖି ଆଗେ ?
ମୁଁ ତ ପୁଣି ଆସିଥାଏ ଅଜଣାରେ
ଚାଳକୁ ଓହ୍ଲାଇ
ସିଂହଦ୍ୱାର । ତୁମକୁ ଦେଖିବି କାଳେ
କାଳେ ତୁମେ ଆସିଥିବ ବୁଲି । ତୁମେ ତ ନଥାଅ ଏବଂ
ଏକଲା ମୁଁ ହୋଇଯାଏ । ଏକାକୀ ସେ
ସିଂହଦ୍ୱାର ଜଗନ୍ନାଥ ଭଳି । ସେଠି ସିଏ ଏକୁଟିଆ

Digitized by srujanika@gmail.com

ପାଖରେ ନଥାନ୍ତି ଭାଇ ଭଉଣୀ ଓ ଲକ୍ଷ୍ମୀ
ମୁଁ ମୋତେ ଭୁଲିଯାଏ ସମୁଦ୍ର କୂଳରେ
ଅଙ୍ଗୁଳିରେ ଲେଖି ଲେଖି ତୁମ ନାଆଁ ।
ସେ ନାଆଁ ବି ଧୋଇ ନିଏ
ଫେନାୟିତ ଲହରୀର ଅନ୍ତିମ କୁଞ୍ଚନ
ଦୃଷ୍ଟି ମୋର ଭାସିଯାଏ
ଦିଗନ୍ତର ସ୍ପର୍ଶକ ସେପାରେ
ତେଣିକି ପରିଧି ବନ୍ଧ । ଦିଶେ ନାହିଁ
ଭ୍ରମରି ବନ୍ଦର ଏବଂ ବତୀଘର ବାରଣ ସଙ୍କେତ
ଡୁବିଯାଏ ଅଧାବାଟେ କଳ୍ପନା ବୋଇତ
ପ୍ରତିଥର । ପୁନର୍ବାର ନିର୍ବିକାର
ନିର୍ବାସିତ ପୌରୁଷର ବିଦଗ୍ଧ ସ୍ୱୀକାର ।

Digitized by srujanika@gmail.com

ଅଧାବାଟରେ

ଅଧାବାଟରେ ଏମିତି ଏକଲା କରି
ଯାଇଛ ଯେ ଯାଇଛ
ଆଉ ଫେରିବନି ବୋଲି ପଣ କରି
କଣ ବା ଦୋଷଥିଲା
ଏତେ ବଡ଼ ସଜା ଦେବା ପାଇଁ ?
ଅଧାବାଟ ଯାଏଁ
ତୁମେ ମୋ ପଛରେ
ମୁଁ ତୁମ ପଛରେ
ଚୁପ୍ ଚୁପ୍
ଜଣେ ଝୁଣ୍ଟିଲେ
ଆଉ ଜଣେ ବାଟ କଢ଼ାଇ ନେବ
ହେଲେ କେହି ଝୁଣ୍ଟିଲେନି
ନା ଘଟଣା ନା ଦୁର୍ଘଟଣା
ବିନା ଇତିହାସରେ ସମସ୍ତ ଗଢ଼ାଇ ଦେବାକୁ
ତୁମର ବି ତ ଆଉ ବୟସ ନଥିଲା ।
ଅଧାବାଟରୁ ତେଣିକି
କିଏ କାହାର ?
ସବୁ ଯେମିତି ଆଗରୁ ଖଞ୍ଜା ହୋଇଥିଲା
କିମ୍ବା ପାରମ୍ପରିକ ଶୃଙ୍ଖଳା ପାଇଁ
ସ୍ୱେଚ୍ଛାକୃତ ଯୁଦ୍ଧବିରତି
ସ୍ୱାର୍ଥାନ୍ଧ ବ୍ୟକ୍ତିଙ୍କର
କିମ୍ବା ପ୍ରବଣତାକୁ ପୁଞ୍ଜି କରି
ବଢ଼ି ଉଠୁଥିବା ସମ୍ପର୍କର
ଅଧାବାଟରେ ଖୋଲି ଯାଇଥିବା
ମୌଳିକ ହାହାକାର ।

Digitized by srujanika@gmail.com

ନଈ

ପ୍ରିୟାର ପଣତ ଭଳି ବହିଯାଏ
ସରୁ ନଈଟିଏ
ଏ ଗାଆଁର ବଲବୁଦା ନଡ଼ିଆ ବଣରୁ
ଆର ଗାଆଁ କାଶତଣ୍ଡୀ ଉହାଡରେ
ଧୀରେ ଧୀରେ ସିଏ ଲୁଚିଯାଏ ।

ସନ୍ଧ୍ୟା ଯେବେ ନଇଁ ଆସେ
ଏ ନଈର ରେଳପୋଲ ପରେ
ଦ୍ରୁତଗାମୀ ଗାଡ଼ି ଚଢ଼ି ଠିକ୍ ଛଅଟାରେ
ପ୍ରତିବିମ୍ବ ତାର ଅବା ଶରୀଦଏ .
ଏ ନଈର ବୁକୁ
ରକ୍ତର ଛିଟାରେ ଅବା
ଜଳ, ସ୍ଥଳ, ଚକ୍ରବାଳ
ଅସ୍ତରାଗ ଲାଲ୍ ହୋଇଯାଏ !
ବିଦୀର୍ଣ୍ଣ ପ୍ରିୟାର ସ୍ମୃତି
ମୋ ମନର ଗହ୍ୱରରେ
ହୁଅଇ ରକ୍ତାକ୍ତ
ପ୍ରନଷ୍ଟ ଶୁନ୍‌ଶାନ୍ ହେବାଯାଏଁ
ନଈ ଏବଂ ବ୍ୟାପ୍ତ ଅନ୍ଧକାର ।
ଏ ନଈର କୂଳ କୂଳେ
ବସି ବସି ଥଣ୍ଡା ହାଓ୍ୱା ଖାଇ
ଆଖି ମୋର ଲମ୍ବିଯାଏ
ସ୍ରୋତ ପ୍ରତିକୂଳେ
ଉତ୍ସର ସନ୍ଧାନେ ।
ପ୍ରିୟାର କାନ୍ଧରୁ ଅବା ପବନରେ

Digitized by srujanika@gmail.com

ଦୋହଲୁଛି ପଣତ
ଏବଂ ଆସିଛି ଲମ୍ବି ବହୁଦୂର
ମୃତ୍ୟୁକୁ ମୋ ପଛରେ ପକାଇ
ଏଇ ଗାଆଁ ସବୁ ନଈ ହୋଇ
ମୋତେ ଛୁଇଁ ଯିବାପାଇଁ
ଦୂର ଦୂରାନ୍ତର ।
ଯେତେ ବଣବୁଦାର ମୋଡ଼ରେ
ବାଙ୍କି ବାଙ୍କି ଲୁଚକାଳି
ଖେଳିଲେ ଝେଙ୍କୁ ଏ ନଈ
ପ୍ରିୟା ଥିବ ମୋ ହୃଦଠାରୁ ନିଶ୍ଚେ ଏକ ସରଳରେଖାରେ
ଯିଏ ଥାଉ ଯେଉଁ ପୃଥିବୀରେ ।

Digitized by srujanika@gmail.com

ଛବି

ଘୁଇ ଏବଂ ଆଲୁଅର
ସ୍ଥିର ଏକ ମୁଦ୍ରାଟିକୁ
ଧରିଥିବା ଫଳକରେ ଛବି ।
କିଛି ରଙ୍ଗ, କିଛି ଲାସ୍ୟ
କଳ୍ପନାର ବିଦଗ୍ଧ ମୁହୂର୍ତ୍ତି
ଆବେଗର ପ୍ରସବମୁଖର ବେଦନାର
ମିଶ୍ରରସେ ଗର୍ଭବତୀ ହୋଇଥିବା
ମୁକୁରର ଫଳକରେ ଛବି ।
ସ୍ମୃତିର ଅକ୍ଷର ଧରେ ଯାର ଅବୟବ
ଯନ୍ତ୍ରଣା ସ୍ୱୀକାର କରେ ଯେଉଁଠାରେ
ନିଜ ଅବକ୍ଷୟ
ବ୍ୟକ୍ତିର ନିଜସ୍ୱ ଉକ୍ତି
ବଣିନିଏ ନୈର୍ବ୍ୟକ୍ତିକ ରୂପାନ୍ତର
ଯେଉଁ ସ୍ୱାଦ ଚମକରେ
ସେସବୁର
ଗୋଟିଏ ଉତ୍ତର ଛବି ।
ଛବି
ହୋଇପାରେ ପ୍ରେୟସୀର
ମେନକାର
ଫକୀର ବା କୁବେରର
ସବୁଖାଲି ଆଲୁଅ ଓ ଅନ୍ଧାର ବୃକ୍ଷରେ
ରଙ୍ଗ ବଦଳାଉଥିବା ଏଣ୍ଡୁଅର
ଖେଳର ଜ୍ୟାମିତି
କବିର ଆଖିରେ ।

Digitized by srujanika@gmail.com

କେବଳ ଗୋଟିଏ ମୋହ

ତୁମେ ଆଜି କେଉଁଠି କେଜାଣି
କିଭଳି ଆଖିରୁ ସ୍ୱପ୍ନ କ୍ଲାନ୍ତ ଦେଖିକରି
ସାମ୍ନାରେ ବିସ୍ତୃତ ମରୁ
ମରୀଚିକା ନାହିଁ ।
ତୁମ ପଣତରେ ବାନ୍ଧି
କେଉଁଠାକୁ ନେଲ ଶୁଭେଚ୍ଛା
ପରିତ୍ୟକ୍ତ କୋଠରୀରେ
ରହିଲାଣି ବିସ୍ମୃତିର ଭୂତ ।
ତୁମେ ଇ ଆସିବ ବୋଲି
ରାହାଧର କାନ୍ଦୁଥିଲି
ଅଙ୍ଗୁଠିଆ ଦେଉଥିଲା ଯିଏ
ସମସ୍ତ ଦେଇଛନ୍ତି ତାକୁ ଚୁପ୍ କରି
ବିଧୁର ଗ୍ରୀଷ୍ମରେ ।
ତୁମ ଛଡ଼ା ସମସ୍ତେ ଲାଗନ୍ତି ଏଠି
କଙ୍କାଳ ପର୍ଯ୍ୟନ୍ତ
ଚନ୍ଦ୍ର ଆଉ ପଲସ୍ତରା
ତଳୁ ବି ଦିଶୁଛି ଇଟା
ଛଡ଼ର ଯୋଡ଼େଇ ।
ତୁମେ ଆଜି କେଉଁଠି କେଜାଣି
କିନ୍ତୁ ଥାଅ ସେହି ଅଜ୍ଞାତବାସରେ
କାରଣ କେବଳ ସେଇ ଅଜଣାପୁରର
କାଳ୍ପନିକ କାନ୍ଥ ବାଡ଼
ଟେକା ପଥରରେ
ଆଜି ମଧ୍ୟ ହୀରା, ନୀଳା, ମୋତି ମାଣିକ୍ୟର
ଦ୍ୟୁତି ଚମକୁଛି ।

Digitized by srujanika@gmail.com

ଜ୍ୟାମିତି

॥ ସମତଳ ॥

ଆଜି ଖେଳ ପଡ଼ିଆରେ କେହି ନାହାନ୍ତି
କେବଳ ଚଢ଼ିଆ ଅଛି
ପାଦଚିହ୍ନକୁ ଲିଭାଇ ଉଡ଼ିଯାଉଥିବା ଧୂଳି
ବସି ଯାଇଛି ସମସ୍ତର ନୂଆ ଗ୍ରାଣ୍ଟରେ
ନୂଆ ଗ୍ରୁପରେ ।
ନୂଆ ଖେଳାଳୀର ପାଦତଳେ
ସାମିଲ୍ ହୋଇଯାଇଛି
ବିସ୍ମୃତ ଖେଳର ଅତୀତ ।

॥ ଚତୁର୍ଭୁଜ ॥

ଫ୍ରେମ୍‌ରେ ବଦଳି ଯାଉଛି ଫଟୋଟି
ଝରକା ଫାଙ୍କରେ
ନୂଆ ହସକୁଶ ଝିଅର ହସରେ
ଚକ୍‌ଚକ୍ କରୁଛି ସକାଳର ଖରା
ଚଉଶତ ବର୍ଣ୍ଣବୋଧରୁ
ଜନ୍ମିଛି ଅବୋଧ ଭାଷା ଏବଂ
ଭାବର ଅଙ୍କୁର ।
ସବୁ ଶୀତରେ ମଞ୍ଜି ଝାଡ଼ିଦେଇ
ଗଛଟିଏ ଓହରିଯାଏ ବଗିଚାରୁ
ଏବଂ ନୂଆ ଫୁଲର ଘ୍ରାଣରେ
ପରାଗର କୁହୁଡ଼ି ପହଁରେ ।

Digitized by srujanika@gmail.com

॥ ବୃତ୍ତ ॥

ବିବର୍ତ୍ତନରେ, ଆବର୍ତ୍ତନରେ
ଯେତେବେଳେ ପରିଧି ଯାଉଛି ବଢି
ଇତସ୍ତତଃ ଯେତେବେଳେ ଦୃଷ୍ଟିର ଘର୍ଷକ
ଅଲକ୍ଷ୍ୟରେ କେନ୍ଦ୍ର ସ୍ଥିର
ସମସ୍ତର ନେପଥ୍ୟରେ
ବଦଳନ୍ତ ବିନ୍ଦୁଟି କେବଳ ।

Digitized by srujanika@gmail.com

ବରଂ ବିକର୍ଷଣରେ

କେଉଁ ଆକର୍ଷଣର ଅଙ୍ଗୀକାରରେ
ତରଳିଯାଏ ତୋ ଓଠର ନବନୀତ !
ତୋ ନୟନ ପାଖୁଡ଼ାଟି ମେଲିବା ଆଗରୁ
ଲାଲ୍ ପଡ଼ିଯାଏ ଲାଜରେ ?
ତୋ ଆଖିର ଅପରାଜିତାରେ
ଭରିଯାଏ ଶିଶିରର ସ୍ୱଚ୍ଛ ନୀଳ
ସ୍ନିଗ୍ଧ ଗମ୍ଭୀରତା
କେଉଁ ଆକର୍ଷଣରେ ?

ଆଖି ଯେବେ ମିଶିଯାଏ ତୋ ଆଖିରେ
ଚେଇଁଉଠେ ଚେତନାରେ
ଅଜସ୍ର ଅନାବିଷ୍କୃତ ମୋହ ମୋ ଭିତରୁ
ଭଙ୍ଗା କାଚଘର କାନ୍ଥ
ତୋ ପାଇଁକି ଆଇନା ପାଲଟେ ।

କାଚର ଚଟାଣ ସିନା ଧରେ ନାହିଁ
ଚୁମ୍ବନର ଦାଗ
ଆଇନା ଭିତରେ ଦେଖେ
ସୁନ୍ଦରୀ ତୋ ନୀଳ ପ୍ରତିବିମ୍ବ
ଜାଣେ ମୁଁ ସୁନ୍ଦରୀ ତୋର ପ୍ରତିବିମ୍ବ ଖାଲି ପ୍ରତାରଣା

ପ୍ରତାରଣା ସାଥେ ମୋର ପରିଚୟ ନିହାତି ପୁରୁଣା
ଆଇନା ରହିବ ନାହିଁ ଟିକିଟିକି ଚୂନା ହୋଇଯିବ
ସେଦିନ ନଥିବୁ ତୁହି
ପାଦରୁ ମୋ ରକ୍ତ ଝରୁଥିବ
ଓଠ ଭଳି କଣ୍ଟା ମୁଁ ଚୋବାଇ
ଯାଉଥିବ ଚୁଙ୍ଖି ଚୁଙ୍ଖି ନିଜର ବେଦନା ।

Digitized by srujanika@gmail.com

ତେବେ କହ
କହଲେ ସୂନ୍ଦରୀ !
କେଉଁ ଆକର୍ଷଣରେ ତରଙ୍ଗିତ ତୋ ପୃଥ୍ୱୀ ?
ବରଂ ବିକର୍ଷଣରେ
ଲେଉଟାଇ ଦେ ତୋର ମାଳମାଳକୁ
ଅନ୍ୟ ଦିଗରେ ।
ଅବାଟରେ ନାନା ଜାତି କଣ୍ଟା ।

Digitized by srujanika@gmail.com

ଦ୍ରୌପଦୀ

ଠିକ୍ ଯୀଶୁଙ୍କ ଜନ୍ମକୁ ନେଇ
ସମୟକୁ ଯେମିତି ଗଣେ ଇତିହାସକାର
ମୁଁ ବି ଗଣୁଛି ମୋ ଜୀବନରେ
ନୂଆ ନୂଆ ଅଙ୍କର ହିସାବ
ତୁମେ ଆସିଛ ଯେଉଁ ଦିନଠାରୁ
ମୋ ଇତିହାସର ଅଭ୍ୟନ୍ତରକୁ ।

ଠିକ୍ ଷ୍ଟେସନ୍‌ରେ ପହଞ୍ଚିଲା ବେଳକୁ
ଗାଡ଼ିଟି ଗୁଡ଼୍ ଦେଇଥାଏ ଯେଉଁ ଲୋକଟି ପାଇଁ
ଠିକ୍ ସମସ୍ତେ ଚଢ଼ିଗଲା ପରେ ବସ୍‌କୁ
ରହିଯାଏ ଯେଉଁ ଲୋକଟି
ଯେଉଁ ଲୋକଟିର ପହଞ୍ଚିବାର ଠିକ୍ ପୂର୍ବରୁ
ଫେରି ଯାଇଥାଏ ହାତ୍ତି ସୁନା କଳସୀ ନେଇ
ସେଇ ଲୋକର ନସିବ୍‌ର ବଢ଼ନ୍ତା ଅବଶୋଷରେ
ଗୁଡ଼େଇ ହୋଇଯାଏ
ତୁମ ସମ୍ପର୍କିତ ଖିଆଲ୍‌ର ରେଶମୀ ଚଦର ।

ଅନେକ ଆଖିର ମାଳରେ
ଅନେକ ଲୁହର ଜଳରେ
ଉପଶମିତ କରାଇ ନେଲାବେଳେ
ପୁରୁଣା କ୍ଷତକୁ
ମୋ ସ୍ୱପ୍ନର ଦୁଃଶାସନ
ଘୁରାଇ ଦିଏ ତୁମକୁ
ବାମାବର୍ତ୍ତି ଦିଗରେ
ସମୟର ଶ୍ରୀକୃଷ୍ଣ
ହାର୍ ମାନିଯାଏ

Digitized by srujanika@gmail.com

ସବୁ ଅନ୍ତରଣ ଫିଟିଯାଏ
ଯେ ପର୍ଯ୍ୟନ୍ତ
ତୁମେ ପାଳୁଛି ନଯାଅ
ଠିକ୍ ସେମିତ
ଠିକ୍ ତୁମର ଆସିବା ଦିନର ତୁମେ ଭଳି
ମୋ ଇତିହାସରେ
ତୁମର ଜନ୍ମଦିନ ପର୍ଯ୍ୟନ୍ତ ।

Digitized by srujanika@gmail.com

ସମ୍ପର୍କ ଯେଉଁଠି ସମାନ୍ତର

ଅନ୍ତରଙ୍ଗତାର ରଙ୍ଗୀନ୍ ସ୍ୱପ୍ନରେ
ତରଙ୍ଗିତ ତୋର ଅକୁଣ୍ଠିତ
ଓଠର ଅକୁହା ଶବ୍ଦ ।
ମୋ ଗୁଞ୍ଜରେ
ସହସ୍ର କମ୍ପନ ।।
ଆଖିରେ ତୋ ନୀରବ ଓ
ନିଜସ୍ୱ ଭାଷାର ଛନ୍ଦ ।
ମୋ ଭିତରେ
ନୀରବତାର ଘନ ଆସ୍ତରଣ ।
ତୋ ସ୍ନେହରେ ସକାଳର
ନରମ୍ ଆକାଶ
ତୋ ଦେହରେ ବସନ୍ତର
ପୁଷ୍ପିତା ପୃଥିବୀ
ପ୍ରତ୍ୟୁଷର ପ୍ରଶ୍ନ-ଶର ତୋର
ଲେଉଡ଼େ ମୁଗ୍ଧ ଅଙ୍ଗୀକାର
ସ୍ୱପ୍ନକାନ୍ତ ଗଭୀର ପ୍ରତ୍ୟୟ ।
ମୁଁ ତ ଦଗ୍ଧ ପଦ୍ମବନ
ତନ୍ଦ୍ରାଭଙ୍ଗା ଚନ୍ଦ୍ରିକାରେ
ସୁପ୍ତ ମୋ ସ୍ପନ୍ଦନ
ତଥାପି ତୋ ସ୍ୱାଗତରେ
ଅଜଣାରେ
ଆଜି ମୁଁ ତନ୍ମୟ ।।

Digitized by srujanika@gmail.com

ସତ୍ୟ

ଦେଖାଉଛି ସିକତା ବୁକୁରେ
ଛୁଟିଆସିବା ପରେ ଫେରି
ଯାଉଥିବା ଜୁଆର ଶୀର୍ଷରେ
କୂଳ ଲଙ୍ଘି ଯାଇଥିବା ତଟିନୀର
ଢେଉଁଗ୍ର ମଝିରେ
ଜଳି ଜଳି ଲିଭିଗଲା ପରେ ପରେ
ମଶାଣିର ନିସ୍ତବ୍ଧ ବାଲିରେ
ଘଡ଼ିବେଳେ ଯିଏ ବସିଥାଏ
ନାମ ତାର ସତ୍ୟ
ଏବଂ
ସେ ଅଦୃଶ୍ୟ
ଚିରନ୍ତନ ।

ସ୍ୱପ୍ନର ସହର ଡୁବେ
ଯା ଆଖିର ଅତଳ ନୀଳରେ
ମୋହର ଜୁଆର ପିଠେ
ଯା ରୂପର ତେଉ ଏ ବୁକୁରେ
ହଜିଗଲା ପରେ ଯିଏ ଭିଜୁଥାଏ
ହୃଦୟର ନିବିଡ଼ ସ୍ନେହରେ
ସେ ବି ସତ୍ୟ
ସେ ଅଦୃଶ୍ୟ
ଏବଂ ଚିରନ୍ତନ ॥

Digitized by srujanika@gmail.com

ଅବ୍ୟକ୍ତ ଶବ୍ଦର ସ୍ୱର

ନିର୍ଜନ ନଈରେ ଆଜ ଏକୁଟିଆ
ସ୍ନାନ କଲା ବେଳେ
ପ୍ରତିବିମ୍ବ ତୋର ଖୋଜେ ନିଃଶବ୍ଦରେ ।
ନିଃସଙ୍ଗତା ଲମ୍ବିଯାଏ ନଈରୁ ବାଲିରୁ
ବାଲିରୁ ବାଲିରୁ ପୁଣି କଆଗ୍ରି କଆଗ୍ରି ଦେଇ
ପାହାଡ଼ର ମଥାନ ପର୍ଯ୍ୟନ୍ତ ।
କେଉଁଠ ମଉନାବସ୍ଥା
ତୋର ଛାଇ ମୋତେ ଦିଶେ ନାହିଁ ।
ସମସ୍ତ ସହିତ ଅବା ସମାନ୍ତର
ପାହାଡ଼ର ଲମ୍ବା ଲମ୍ବା ଥୁଣ୍ଟା ଗଛ ସବୁ
ମିଶାଇ ଦିଅନ୍ତି ମୋତେ ତାଙ୍କର ମୁଦ୍ରାରେ
ଉପହାସ କରି ମୋର ଅସହାୟ
ବ୍ୟର୍ଥ ବ୍ୟାକୁଳତା,
ମୋ ଦେହରୁ ଝାଡ଼ିଦେଇ
ସ୍ମୃତିର ପତର ।
ଅଜଣା ଚଢ଼େଇଟିଏ ଉଡ଼ିଯାଏ କିଛି ଶବ୍ଦ କରି
ଅଜଣା ଫୁଲର ବାସ ଭାସିଯାଏ ମୋତେ ଚମକାଇ
ଅଦେଖା ଦେବତା ସେଇ ପାହାଡ଼ର ଶୀର୍ଷ ଦେଶେ
ଦେବାଳୟ ଗମ୍ଭୀରରେ ଥାଇ
ମୋ ଅନ୍ତର ବୁଝେ ଅବା ଅନ୍ତରାଳେ ନିଜକୁ ଲୁଚାଇ
ଅବ୍ୟକ୍ତ ପ୍ରୀତିରେ ସବୁ ସମ୍ପର୍କିତ ଆତ୍ମୀୟତା ମୋର
ଅଜଣା ଫୁଲର ସ୍ୱପ୍ନେ
ଭରିଦିଏ ନୀରବରେ ତୃଷାରେ ସନ୍ନ୍ୟାସ ।

Digitized by srujanika@gmail.com

ବର୍ଷା

ସ୍ମୃତି ସବୁ ବର୍ଷିଯାଏ
ଅଚିହ୍ନା ଏ ସବୁଜ ମରୁରେ
କଅଁଳେ କଅଁଳ ପତ୍ର, ଫୁଲ ଧରେ
ଏବଂ ତାର ବାସ ଘୂରେ
ମିଶେ ଯାଇ ଆକାଶର ନୀଳ ଫସଲରେ ।
ସ୍ମୃତି ସବୁ ବର୍ଷିଯାଏ
ମୋ ଆଖିର ଲୁହ ନେଇ
ବୁଣି ଦିଏ ଦୂର ଦୂରାନ୍ତରେ
ଦିଗନ୍ତରୁ ଦିଗନ୍ତ ସେପାରେ ।
ବିଜନ ଏ ଉପତ୍ୟକା
ନିରାସକ୍ତ ଉଦାର ବୁକୁରେ
ଖେଳୁଥାଏ ମୋ ସ୍ମୃତିର ସବୁଜ ପଣତ
ପାହାଡ଼ର ଅନିର୍ଦ୍ଦିଷ୍ଟ ଉଚ୍ଚତାରେ
ନିରୁଦ୍ଦିଷ୍ଟ କରଦେଇ ମୋତେ ।
ସ୍ମୃତି ସବୁ ବର୍ଷେ ଖାଲି ଦୂର ଦୂରାନ୍ତରେ
ସମ୍ପର୍କର ସ୍ୱର ତୋଳି ଅଜଣା ମରୁରେ
ଋତୁର ଆହୁତି ଦେଇ
ସମୟର ବିସ୍ମୃତ ଗୁପ୍ତିରେ ।
ସ୍ମୃତି ସବୁ ବର୍ଷିଯାଏ
ସବୁ ବର୍ଷିଯାଏ
ମୋ ଦେହରୁ କାଢ଼ି ନିଏ
ଧଳାମେଘ ସଫେଦ ଚଦର
ମୋ ଆକାଶୀ ସନ୍ନ୍ୟାସର ଶୁଭ୍ର ପରିଧାନ
ମିଶାଇ ଦେବାକୁ ଅବା
ସତ୍ତା ମୋର
ନୀଳ ନିର୍ବାଣରେ ।

Digitized by srujanika@gmail.com

ମୌସୁମୀ

ନାହିଁ ନଥିବା ବର୍ଷାରେ
ପଥ ସବୁ ଝୁଡ଼ିଗଲା
ଭାଜିଗଲା ମାଡ଼ ।
ଡାଏରୀରୁ ଧୋଇଗଲା
ସ୍ମୃତିର ଅକ୍ଷର,
ଭିଜିଗଲା ଅନାବନା ତାରିଖର
ଅନୁଭୂତ ଜଡ଼ିତ ସ୍ୱାକ୍ଷର
ନାହିଁ ନଥିବା ବର୍ଷାରେ ।
ତୁମେ କିନ୍ତୁ
ସବୁଜ ବନରେ
ସୃଷ୍ଟିର ବିଳାସ ନେଇ
ଅଳସ ପଣରେ
ଶୋଇ ଶୋଇ କଡ଼ ଲେଉଟାଇ
ଦେଖୁଛ କି ସ୍ୱପ୍ନ କୁହ
ଏଇଠି ତ ଜଳମଗ୍ନ
ତୁମ ଲାଗି
ତୁମର ଫସଲ
ନାହିଁ ନଥିବା ବର୍ଷାରେ ।

Digitized by srujanika@gmail.com

ପ୍ରଶ୍ନହୀନତା ପର୍ଯ୍ୟନ୍ତ

ବରଂ ଏକ ମଧୁର ତୃଷାରେ
ଶୁଷ୍କତାକୁ,
କେଉଁ ଏକ ଫୁଲର ଗନ୍ଧରେ
ଶୂନ୍ୟତାକୁ ,
ସ୍ପର୍ଶ ଏବଂ ଉଷ୍ଣତାର ମିଶ୍ରିତ ଅନ୍ଧାରେ
ଦହନକୁ,
ସମାଧିର ଭାସ୍କର୍ଯ୍ୟରେ
ମୃତ୍ୟୁକୁ,
ଋତୁର ସବୁଜିମାରେ
ସମଦ୍ୱକୁ
ଚୁପ୍ କରିଦେବାକୁ ହେବ ।
ଯେମିତି ସେମାନଙ୍କୁ ଚିହ୍ନି ହେବନି
ଚିହ୍ନି ହେବନି ବିଲ୍‌କୁଲ୍
ଝରକା ଖୋଲିବା ବେଳେ
ଶ୍ରେଷ୍ଠ ଚଢ଼େଇଟିଏ
ମନଇଚ୍ଛା ଖେଳୁଥିବ
ସବୁଜ ଡାଳରେ
କଚିର୍ ମିଚିର୍ ଶବ୍ଦ କରି
ଶ୍ରେଷ୍ଠ ତାର ଚଞ୍ଚୁଟିରେ ଚୁଷୁଥିବ
ତା ଠାରୁ ବି
ବଡ଼ ଫଳର ସ୍ୱାଦ
କେହି ପଚାରୁ ନଥିବେ ପ୍ରଶ୍ନ :
କାହିଁକି ?
ସେ ବି ପଚାରୁ ନଥିବ
କାହିଁକିଟିଏ ନିଜକୁ

Digitized by srujanika@gmail.com

ଗଛକୁ କମ୍ପା ଫଳକୁ ।
ସେ ଡେଉଁଥିବ, ଗାଉଥିବ
ଫୁଲଟିଏ ଫୁଟୁଥିବ, ଝଡ଼ୁଥିବ, ଫୁଟୁଥିବ
ବଢୁଥିବ ନଈଟିଏ
ଶୁଭୁଥିବ ସୁରଟିଏ
ସେମାନଙ୍କ ଗତିର ଛନ୍ଦରେ
ହଜିଯିବେ ସବୁ ପ୍ରଶ୍ନବାଚୀ ।
କେବେ ତ ଜରାଗ୍ରସ୍ତ ହୋଇଯାଏନି ଫୁଲ
ସରି ଯାଏନି ନଈ ବା
ଲିଭି ଯାଏନି ସୁର
ହଜି ଯାଏନି ସ୍ମୃତି
ତେବେ କାହିଁ ଆଶଙ୍କାରେ
ଅଙ୍କୁରିତ ଭ୍ରାନ୍ତିର ବଳୟ
ସଙ୍କୁଚିତ କରିଦିଏ
ଜୀବନର ନିଜସ୍ୱ ସମ୍ଭାର ?
ଚୁପ୍ କରିଦେବାକୁ ହେବ
ସେମାନଙ୍କୁ
ସତ୍ୟରାଜ୍ୟର ସମ୍ଭ୍ରାନ୍ତ ସନ୍ନ୍ୟାସୀମାନଙ୍କୁ
ଏମ୍ତି କି ରକ୍ତାକ୍ତ କରି ଦେବାକୁ ହେବ
ଯେତେବେଳେ ଚିହ୍ନି ହେବନି ତାଙ୍କ ମୁହଁ
ଯେଉଁମାନେ ସୁନ୍ଦରୀର ଗୋଲାପୀ ହସକୁ
ଫିକା କରି ଦିଅନ୍ତି
ତା ବାର୍ଦ୍ଧକ୍ୟର ଚିତ୍ର ଦେଖାଇ
ସେ ବାଡ଼ିଟିଏ ଧରିବା ପର୍ଯ୍ୟନ୍ତ ।

Digitized by srujanika@gmail.com

ଲାଲର ହସରେ

ବସ୍ତିଏ ଗୁଡ଼ଧାଏ ଲାଲର ହସରେ
ହସରେ ହସରେ ଗାଡ଼ି ଗୁହୁଁ ଗୁହୁଁ
ସହର ବାହାରେ ।

ବସ୍‌ର କାଚରୁ ଆସି
ପିଟିହୁଏ ଉତ୍ତଳା ପବନ
ଲାଲର ହସରେ ଖେଳେ
ସବୁଜ କଆଖି
ଶ୍ୟାମଶସ୍ୟ ଲହରେଇ ଲହରେଇ ଯାଏ ।

ବସ୍ ଆସି ପହଞ୍ଚଇ
ନଦୀ ନାଳ ଗାଆଁ ଦେଇ
ଗୁଲୁଥିବା ବସ୍ତି ଭିତରୁ
ଜୀବନଟା ଦିଶେ ଖାଲି
ରାଜପଥ ପାର୍ଶ୍ୱରୁ ଦିଗନ୍ତ ଯାଏଁ
କେତେବେଳେ ଘରବାଡ଼ି
କେବେ ଅବା ଶୁଷ୍କ ଓ ନିର୍ଜନ ।

ହେଇ ତ ଏଇଠି ଏବେ
ରାସ୍ତା ସବୁ ସରିଯିବ
ଯାତ୍ରୀ ସବୁ ଗୁଲିଯିବେ
ଯେ ଯାହା ବାଟରେ ।
ଲାଲ ହସ ମିଶିଯାଏ
ନୂଆ ସହରର ଧୂଳି, ଲୋକବାକ
ମୃତ୍ୟୁ ଓ ଜନ୍ମରେ ।

Digitized by srujanika@gmail.com

ତଥାପି ବଞ୍ଚାଇ ରଖେ ସବୁଥିରେ
ଭୁଲିବାରେ, ହସିବାରେ
ଗୁଲିବାରେ, ହଜିବାରେ
ହସଟିଏ
କମ୍ବା
ଲିଲିଟିଏ ।

Digitized by srujanika@gmail.com

ଥରଟିଏ

ଖାଲି ଥରଟିଏ ଦେଖିଦେଲେ ତ
ଗୋଡ଼ ଖସିଯିବ ଯେମିତି
ରୂପନଗ୍ନ ଗଭୀର ତଳରେ
ମେଘ ଏବଂ ମହ୍ଲାରରେ
ସତ୍ତ୍ୱ ମିଶି ହଜିଯାଏଁ ।

ଖାଲି ଗୋଟାଏ ପଲକରେ ହିଁ ତ
ପ୍ରତିକୂଳ ସ୍ରୋତରେ ସମୟର
ଅନ୍ତର୍ହମି ହୋଇ ଯାଇଥିବ
ବର୍ଷବର୍ଷର ମାଇଲ୍ ଖୁଣ୍ଟି
ଏବଂ ଦେଖିଲି ବେଳକୁ ସୁନ୍ଦର ସହରରେ
ଆନ୍ତରିକତାର ପଦ୍ମନାଭରେ
ପହଞ୍ଚି ଯାଇଥିବ
ଗୋଟାଏ ପଲକରେ ।

ଥରଟିଏ ପଚାରିଦେଲେ
ଶବ୍ଦଟିଏ ଉଚ୍ଚାରିଦେଲେ
ଯେମିତି ବାଜିଯିବ ସାହାନାଇ
ଏବଂ ନବାକ୍ ଓଠରେ ବାଜି
ଅସ୍ଫୁଟ ଶବ୍ଦର ଢେଉ
ହୃଦୟକୁ ଫେରି ଯାଉଥିବ
ଥରଟିଏ ପଚାରିଦେଲେ ।

ଥରଟିଏ ହସିଦେଲେ ତ
ଯେମିତି ପଲ୍ଲବିଯିବ ପୃଥିବୀ

Digitized by srujanika@gmail.com

ଫୁଲର ତରଙ୍ଗରେ ଶିହରି ଯାଉଥିବ ପବନ
ଜୋଛନା ବକ୍ଷୁରିଥିବ ଯୋଜନ ଯୋଜନ
ଗୋଟିଏ ହସରେ ।

ଥରଟିଏ ମିଛରେ ହେଲେ ବି
ଅନୁରାଗର ନଦୀ ତୀରରେ
କଦମ୍ବ ଯାଏ ଜୀବନ
ପ୍ରିୟତମାର ସ୍ୱପ୍ନରେ ।

Digitized by srujanika@gmail.com

ବେସୁରା ବେପଥ

ଖାଲି ହାତ ବଢ଼ାଇ ଦେଲେ
ଛୁଆଁଇ ଦେଲେ ଅଙ୍ଗୁଳି
ପୁଣି ବାଜି ଉଠିବ
ବାଜି ଉଠିବ ସମ୍ପୂର୍ଣ୍ଣ ଲହରରେ
ତାନ୍‌ପୁରାରେ ସେଇ ମୂର୍ଚ୍ଛନା
ଯେଉଁ ଶବ୍ଦରେ କଲ୍ଲୋଳିତ ହୋଇ ଉଠିବ ପୃଥିବୀ
ସବୁ ନିଃଶବ୍ଦତାର ବିସ୍ମରଣରେ ।
ଟିକେ ହସି ଦେଲେ ତ
ଓଠ ଫାଙ୍କରୁ ଝଙ୍କୃରିଯିବ ସ୍ୱପ୍ନଟିଏ
ରଙ୍ଗୀନ୍ କରି ଦୁନିଆକୁ
ରଙ୍ଗରେ ଡ଼ୁବାଇ ଦେଇ
ରଙ୍ଗହୀନ ହିଗନ୍ତମାନଙ୍କୁ ।
ପଲକଟିଏ ବୁଝିଁଦେଲେ ତ
ଆଖି ପୁଣି ନଜର କରିନେବ
ନଜର ନେପଥ୍ୟରେ ଲୁଚିଯାଇଥିବା ସମୟକୁ
ପରା ତଳେ ହଜି ଯାଇଥିବା ପ୍ରତିବିମ୍ବକୁ ।
ପଦେ କହିଦେଲେ ତ
ଅକୁହା କଥାର ଉଚ୍ଚାରଟିଏ
କେଉଁଠି ନା କେଉଁଠି ନେସି ହୋଇ ଯାଇଥିବ
ଲେଖି ହୋଇ ଯାଇଥିବ
ଗୋଲାପୀ ରେଖାରେ ଅଧରର
କମ୍ପିତ ରକ୍ତାଭ ଗଣ୍ଡର ମଧୁ ବିନ୍ଦୁରେ ।
ଏଇ ତ ତୁମେ ପଦେ କହିବା ଆଗରୁ
ତୁମେ ଟିକେ ହସିବା ପୂର୍ବରୁ
ତୁମେ ଟିକେ ବସିବା ଆଗରୁ
ମୁଁ ସଜେଇ ପାରୁନି ତାନ୍‌ପୁରା
ଏବଂ ଗଡ଼ି ଯାଉଛି ଲଗ୍ନ ।

Digitized by srujanika@gmail.com

ଖେଳ

ଗୋଟାଏ କଳାମେଘରେ ହଠାତ୍ ହଠାତ୍ ରେ
ଛୁଇଯାଏ ଅନ୍ଧାର
ଯେମିତି, ଯେମିତି ଗୋଟାଏ ବର୍ଷାର
ବନ୍ୟା-ସ୍ରୋତରେ
ଭାସିଯାଏ ବସନ୍ତ ଏବଂ
ଗୋଟାଏ ଜନ୍ମରେ ଖେଳର ସମ୍ରାଟ୍
ବନିଯାଏ ଖେଳାଳୀ
ଯେମିତି ଗୋଟାଏ ନିଆଁ ଝୁଲରେ
ତରଳିଗଲା ଜଡ଼ଘର
ଏବଂ ତରଳିବାକୁ ଆରମ୍ଭ କଲେ

ଯେମିତି ପାହାଡ଼ ବି ଅଟକାଇ ପାରିବନି
ସେ ପ୍ରବହମାନତାକୁ ଏଇ ମାଟିରେ
ବର୍ଷିଗଲା ଅସରା ଅସରା
ଜମିଗଲା ବର୍ଷାପାଣି ଆଣ୍ଠୁଏ, ଅଣ୍ଟାଏ କମ୍ବା
ଗୁଡିଏ ଗୁଡିଏ ସହରର ସମସ୍ତ ଗଳିରେ ।

ତଥାପି ବର୍ଷିଯିବାଟା ନୁହାନ୍ତି ମିଛ କଥା
ଓ ମୁହଁ ବୁଲାଇ ଦେଲେ
ଚଞ୍ଚ ପାଖରୁ ଦୃଶ୍ୟ ଅଦୃଶ୍ୟ ହୋଇଯାଏ ।

ଗୋଟାଏ ଦିନର ଖରାରେ ଶୁଖିଯାଏନି ଅସରାଟିଏ
ଗୁଡ଼ ଆସିଥିବା ଧର୍ଷିତା ସହରର
କାଦୁଆ ଚିହ୍ନ
ଅଥଚ ଲୋକେ ଭଲପାନ୍ତି, ଭୁଲିଯାନ୍ତି
ଦୁଇ ଦିନିଆ ପ୍ରତିଶ୍ରୁତିରେ
ବର୍ଷାକୁ, ବନ୍ୟାକୁ, ଧର୍ଷଣ ଓ ଅତ୍ୟାଚାରକୁ ।

Digitized by srujanika@gmail.com

ଗୋଟାଏ ଖାଦ୍ୟ ପୁଡ଼ିଆରେ
ଭେକର ଶବ ଭସାଇ ଦଅନ୍ତ ଗୋଳ ପାଣିରେ
ଏବଂ ସେଇଠି ହିଁ ବୁଲିଯାଏ ପଶାକାଠି
ଖେଳାଳୀର ଏବଂ ଭିଜୁଥିବା ଜନତାର ହାତରେ ।

ପଶାପାଲି ଧରାଇ ସେ ନିଖୋଜ୍ ହୋଇଯାଏ
ଫେରାର୍ ହୋଇଯାଏ
ବର୍ଷା, ଖରା, ଖରା, ବର୍ଷାର ଲୁଚକାଳିରେ
ଲୋକେ ତାଙ୍କୁ ଭୁଲିଯାନ୍ତି
ଆଉଥରେ ଗୋଟାଏ କଳାମେଘରେ
ଦାଉଦାଉ ଅନ୍ଧାର ହେବାଯାଏଁ
ଓ ସହରରେ ବର୍ଷାପାଣି, ଗ୍ରାମେ ଗ୍ରାମେ
ବନ୍ୟାପାଣି
ଆଉଥରେ ଧର୍ଷିବା ପର୍ଯ୍ୟନ୍ତ ।

Digitized by srujanika@gmail.com

ଚନ୍ଦ୍ରମାର ଶୋକ

ଶୁଭ୍ର ସଫେଦ ଆକାଶରେ
ଫିକ୍ ଫିକ୍ ହସୁଥିବା ଚନ୍ଦ୍ରମାର
ସରଳ ଚପଳତାରେ
ଚପଳା ଚମକ ଉଠିଲା ପରେ
କାହିଁ କୁଆଡ଼ୁ ଘେନେଇ ଆସେ
କଳା ଧଳା ଅସଂଖ୍ୟ ବାଦଲ ଏବଂ
ମୁହୂର୍ତ୍ତରେ ଫିକା ପଡ଼ିଯାଏ
ଚନ୍ଦ୍ରମାର ହସ ।

ଅଜସ୍ର ମେଘର ସ୍ତର ସ୍ତର ଅନ୍ଧାର ଭିତରୁ
ଅଣଃନିଶ୍ୱାସୀ ହୋଇ
କି ଅସହାୟ ଭାବେ
ସେ ଦେଖେ ତାର ଆପଣା ସୃଷ୍ଟି
ସ୍ୱପ୍ନାୟିତ ଜ୍ୟୋସ୍ନାମୀଳ ନିଜସ୍ୱ ପୃଥିବୀକୁ
କଳାଧଳା ବାଦଲର ଅସ୍ତବ୍ୟସ୍ତ ପ୍ରଚ୍ଛାୟା ଭିତରେ
ଲମ୍ବା ଲମ୍ବା ଆଶଙ୍କାରେ କବଳିତ ନିଶା-ବଳୟରେ !

କି ଅସହାୟ ଭାବେ ଘୋଡ଼ାଇ ଦେଇ
ତାର ଅସହାୟତାକୁ
ସେ ଚୁହିଁଥାଏ ତାକୁ ନିରେଖି ଚୁହିଁଥିବା
ନିକଟ ତାରାଟିକୁ
ଥରକୁ ଥର
ଏବଂ ପୁନଶ୍ଚ ହସର ଅଭିନୟରେ
ସେ ଏଡ଼ାଇ ଦେଇଥାଏ ଅସତ୍ୟ ମେଘମାଳାର
ଅସ୍ତିତ୍ୱ !

Digitized by srujanika@gmail.com

ଦୁଏତ ଅବର୍ଷିଥିବା
ଅଦିନ ମେଘ ଉଡ଼ିଗଲା ପରେ
ଚନ୍ଦ୍ରମା ତା ମୁହଁ ଦେଖେ
ଯମୁନାର ଜଳ ଆଇନାରେ
ନରେଖି ନରେଖି
ହୋଇଥାଏ ବ୍ୟର୍ଥ ଖୋଜ
ଆବର୍ଜନା ନିଷ୍ପାପ ସ୍ମୃତିରୁ ।

ତଥାପି ସମ୍ଭତା ତାର କାଳେ କେଉଁ ଉଲ୍କାଟିଏ
କକ୍ଷ୍ୟଚ୍ୟୁତ ହୋଇ ଯଦି ଝାଡ଼ିଦେବ ତା ଉପରେ ଜଳନ୍ତା ପାଉଁଶ
କେମିତି ଦେଖିବ ସିଏ ଯମୁନାକୁ ତାରକୁ ଓ
ତା ନିଜର ପୃଥିବୀକୁ
ବିବର୍ଣ୍ଣ ମୁହଁରେ ?

Digitized by srujanika@gmail.com

ଶିଳ୍ପୀକୁ

ସୃଷ୍ଟିର ପ୍ରକାଶେ ସ୍ରଷ୍ଟା ବରଣେଲା ଅସହ୍ୟ କଷଣ
ସକାଳ ଆସିବ ତେଣୁ
ଦୁଃସ୍ୱପ୍ନର ଅନୁଭବେ ଶିଥିଳ କାହିଁକି ?
ଲମ୍ଫ ଦେଲା ଯଦି କିଏ
ଭବିଷ୍ୟତ ଅଦେଖା ରାଜ୍ୟକୁ
ଅକ୍ଷତ ଗ୍ରନ୍ଥରେ ବାଧା
ହେଲେ ହେଉ
ବେଇମାନି ନୁହେଁ ।
ରକ୍ତରେ ଫୁଟିଛୁ କେତେ ଧଳାଫୁଲ

ଫୁଟାଇଛୁ
ଶିଳ୍ପୀ ସାଜିଅଛୁ
ଗ୍ରନ୍ଥରେ ଦରଜ ମାପି
ରକ୍ତ ତୋର ସରବା ଦେଖିନୁ ।
ମରଣର ଶୀତଳ ଯୁଦ୍ଧରେ
ଗ୍ରନ୍ଥ ତୋର ଯାଉଅଛି ଥରି
କେହି ତ ମାପିବା ପାଇଁ
ଆସିନାହିଁ ଦନେ ଅବତରି !
ପ୍ରଳୟ ବଳିଲେ ମୃତ୍ୟୁ
ଜୀବନର ନୂଆ ଚିତ୍ରକଳ୍ପ
ଆତ୍ମହନ୍ତା ଶିଳ୍ପୀ
ଦରଜର କରଜ ରାଜ୍ୟରେ
ସାଜିଥିବୁ କେତେଦିନ
ଆତ୍ମଘାତୀ
ନିଜ ଅଜଣାରେ !

Digitized by srujanika@gmail.com

ତୁମ ରାସ୍ତା

ଆଉ ଏବେ ପ୍ରିୟତମା !
ଗଲାବେଳେ ତୁମ ରାସ୍ତା ଦେଇ
ଛାଡେନାହିଁ ଦୀର୍ଘଶ୍ୱାସ,
ଗାଏନା ସଙ୍ଗୀତ
ସେଠାକାର ପବନ ତ
ଆଉ ନୁହଁ ତୁମ ଅଙ୍ଗଛୁଆଁ ;
ସେଠାକାର ଗୋଧୂଳି ତ
ଗାଏ ନାହିଁ ଆଉ ତୁମ ନାଆଁ ।

ତଥାପି ଗୋ ପ୍ରିୟତମା !
ସେ ରାସ୍ତାରେ ଏବେ ବି ମୁଁ ଯାଏ
ଭୁଲିଯିବା ବଞ୍ଚିବାର ଅନ୍ୟନାମ
ନୀରବରେ ନିଜକୁ ହିଁ କହେ ।
ଦୁଃଖ ସୁଖ ସମ କରି
ନିଷ୍ଠୁର ଏ ସ୍ୱାଭାବିକତାରେ
ପାଦ ଧୀରେ ଆଗେ ବଢ଼ି ଯାଏ ।
ଭାବେ ଏ ମଣିଷ ତାର
ଜୀବନଟା ଚିରନ୍ତନ ବୋଲି
ସଂସାର ସେମିତି ଚାଲେ
ଆଶାଧାରେ ମରଣକୁ ଭୁଲି ।

ହେଲେ ମୁଁ ପାରେନା ପ୍ରିୟା !
ଆଦର ସେ ଅବୁଝା ପରିଧି
ସ୍ପର୍ଶକର ଲମ୍ବା ପଥେ
ଡେଇଁଯାଏ ବୃତ୍ତ ସବୁ ଦୀର୍ଘଶ୍ୱାସ
ଲେଉତକ ବରଜ ।

Digitized by srujanika@gmail.com

ପ୍ରିୟତମା ! ତୁମ ପ୍ରେମ ପଥେ ଗତି କରି
ଆଉ ନୁହେଁ ଆଜ ମୁହିଁ ତୁମର ପ୍ରେମିକ
ତୁମ ରାସ୍ତା ଆଉ ନୁହେଁ
ତୁମ ପାଇଁ
ମୋ ଅଜଣା ଯାତ୍ରାର ଏକକ ।

Digitized by srujanika@gmail.com

ପୃଥକ୍ ପୃଥିବୀ

ତୁମକୁ ପାଇଥିଲି ଭଲ
ସେଇଆ ହିଁ ଶେଷକଥା
ଦୁଃଖ କଣ
ତୁମେ ଯଦି ଦୂରେ ଚାଲିଗଲ !

ଦୁଃଖ କଣ
ତୁମେ ଯଦି ଆପଣାର କପାଳରେ
ଆଉ କେଉଁ ସକାଳର
ପୂର୍ବାଶା ଆଙ୍କିଲ !

ନିଜେ ମୁଁ ତ ପାରିନାହିଁ ରଖି
ଆପଣାର ପବିତ୍ରତା ପୂଜାଫୁଲ ପରି
ତୁମ ପାଇଁ ଅର୍ଘ୍ୟ ସାଜିବାକୁ ;
ସେଇ ମୋର ଅସାମର୍ଥ୍ୟ
ମୋଠାରୁ ଛଡ଼େଇ ନିଏ
ଅଧିକାର, ଅବଶୋଷ, ଅବସାଦ ପାଇଁ ।

ତୁମେ ତ ପ୍ରକାଶି ନାହଁ
କେବେ ହେଲେ
ତୁମେ ମୋତେ ଭଲପାଅ ଅବା
ଘୃଣା କର ;
ନୀରବରେ ଯାଇଛ ଦୂରେଇ ।

ତେଣୁ ତୁମ ନୂତନତା
ଆଜି ମୋର କବିତାର
ପୃଥକ୍ ପୃଥିବୀ ।

Digitized by srujanika@gmail.com

ପ୍ରତିଶ୍ରୁତି

ଧରା କେବେ କହିପାରେ ଚନ୍ଦ୍ରିକାକୁ
ଆଜି ଟିକେ ରହିଯିବା ପାଇଁ ?
କହିଲେ ବି
ବିଭାବରୀ ଯାଏ ଅପସରି ।
ପଶ୍ଚିମ ଦିଗନ୍ତ କେବେ
ଛୁଇଁପାରେ ଅସ୍ତଗାମୀ ରକ୍ତିମ ସୂର୍ଯ୍ୟକୁ ?
ଚୁମ୍ବିବାର ଛଳନାରେ ଲେଖି ହୋଇଯାଏ
କ୍ଷଣସ୍ଥାୟୀ ମିଳନର ସ୍ଥିର ଚିତ୍ରଟିଏ
କିଏ ଧରି ରଖିପାରେ
ଇନ୍ଦ୍ରଧନୁ କ୍ଷଣିକ ରଙ୍ଗିମା ?

ତଥାପି ମୋ ସାନ୍ତ୍ୱନା ଏତିକି
ଚନ୍ଦ୍ର ତ ହୁଏନା କେବେ
ଦ୍ରବୀଭୂତ ଜୋଛନା ଭିତରେ ;
ସୂର୍ଯ୍ୟ ତ ହଜେନା କେବେ
ଦିଗନ୍ତର ରକ୍ତିମ ଲଲାଟେ ;
ଇନ୍ଦ୍ରଧନୁ ପାଇଁ
ବର୍ଷା ତ ରହିଛି ସଜା
ପୃଥିବୀର ପ୍ରତିଶ୍ରୁତି ହୋଇ ;

ତେଣୁ ପ୍ରିୟା !
ତୁମେ ଯେବେ ପାଶେ ଥିଲ
କ୍ଷଣିକ ଦେଖାରେ
ଯାଉଥିଲ ଅପସରି
କିନ୍ତୁ ଆଜ ଥିଲେ ବି ଦୂରେଇ
ଆସୁଅଛ ଅବତରି
କମନୀୟ ମୋର କଳ୍ପନାରେ ।

॥ ୫୧୯ ॥

Digitized by srujanika@gmail.com

ଭିନ୍ନ ଏକ ଆତ୍ମମନ୍ତା

"ନିଜ ବାରଣ୍ଡାରେ ବସି
ନିରେଖି ଗୁହିଁବା" ଠାରୁ
"କେତେଦୂର ଯନ୍ତ୍ରଣାର କଫିନ୍"ଟା ତୁମ ପାଇଁ
ମୁଁ ତ ଜାଣିନାହିଁ
ମୁଁ ଯେଣୁ ଆସିଛି ଫେରି
କଫିନ୍‌ରେ ମୃତ୍ୟୁ ସାଥେ ସୁଖ ଦୁଃଖ ହୋଇ
ତୁମର ଗୁହିଁବା/ନିରେଖିବା
ନ ଗୁହିଁବା
ମୋ ପାଇଁକି କାମନାବହ୍ନିନ ।

ନିର୍ଲିପ୍ତ ଆଖିରେ ଆଉ ଉଦାସ ମୁହୂର୍ତ୍ତେ
ମୋ ଇଚ୍ଛାରେ ମୁଁ କରଇ
ମନ ଆଉ ଭାବନାର
ଏବଂ ତୁମ ସ୍ମୃତିର ନିୟନ୍ତ୍ରଣ ।
ଭଲଲାଗେ ଆଜକାଲି ତୁମ ହସ
ହେଲେ ହେଉ ଯାଲଗି ଉଦ୍ଦିଷ୍ଟ
ଭଲଲାଗେ ଦେବଦାରୁ ଫାଙ୍କ ଦେଇ
ବର୍ଷାଭିଜା ଅସ୍ତସୂର୍ଯ୍ୟ
କ୍ୟାମ୍ପସ୍ ଭିତରେ
ଆଉ ମଧ୍ୟ ଭଲଲାଗେ ତୁମର କବିତା ।

ଯେଣୁ ଆଜ ସନ୍ନିକଟ ଦବାସ୍ତ ତୁମର
ଛାଡ଼ି ମୁଁ ଆସିଛି କେତେ
କଅଁଳ ସକାଳ/ଅବସାଦଗ୍ରସ୍ତ ସନ୍ଧ୍ୟା
ଅବସନ୍ନ ଅପରାହ୍ନ ଥୁଣ୍ଟା କୃଷ୍ଣଚୂଡ଼ା
ଜଜୁଡ଼ା ଏଡେନ୍‌ରେ ମୁଁ
ମୁକ୍ତ ହୋଇ ଘୂରିବୁଲେ ତେଣୁ
ବୁଝିବାକୁ ଦବାସ୍ତର ଫଳ ।

Digitized by srujanika@gmail.com

ଅଶ୍ରୁର ଫସଲ

ଆର୍ଦ୍ର ଆଖିର ଅସ୍ପଷ୍ଟତାରେ
ଲୁହର ଆସ୍ତରଣକୁ ପଣତ କରି
କେତେବେଳେ ଗଲା ଚୂଲି
ନବ ସୀମନ୍ତିନୀ ସାଜି
ସ୍ନେହ କନ୍ୟା
ଇପ୍‌ସାର କଶୋଷ୍ଠ !

ସେ ତ ଥିଲା ଗିରିଶିଖେ
ଶ୍ରାବଣୀର ମଉସୁମୀ କନ୍ୟା
ସେ କ କେବେ ଜାଣିଥିଲା
କେବଳ ତାହାର ଲାଗି
ବେଳେ ବେଳେ ହୋଇଥିବା
ନଷ୍ଟବଡ଼ି କଥା ।

ସେ ଆଜି କେଉଁଠି ଦୂରେ
ସ୍ନିଗ୍ଧ ଏକ ସବୁଜିମା
ସେ ଆଜି କାକରଭିଜା
ଦୂର୍ବାଦଳ
ରଙ୍ଗଭିଜା ସାଧବ ବୋହୂରେ ।

Digitized by srujanika@gmail.com

ଆଜି ସେଠି ପିଚୁରୋଡ଼୍

ଆଜି ସେଠି ପିଚ୍‌ରୋଡ଼୍ ।
ରହେ ନାହିଁ ପାଦଚିହ୍ନ
ରହେନାହିଁ ଶଗଡ଼ର ଗୁଳା
ଆଜି ସେଠି କୋଠା ଖାଲି ସନ୍ଧି ବିସନ୍ଧିରେ
ଫୁଟେ ନାହିଁ କାଶତଣ୍ଡୀ
ନାହିଁ ଆଉ ଗାଡ଼ିଆ ପୋଖରୀ ।

ଆଜି ସବୁ ଚକ୍ ଚକ୍
ଆଲୁଅରେ ସହରଟା ବଢ଼ି ବଢ଼ି ଯାଏ
ଆଜି ସେଠି ପିଚୁରୋଡ଼୍
ଗାଡ଼ି ସବୁ ସହଜରେ
ଗଡ଼ି ଗଡ଼ି ଯାଏ ।

ଆଜି ସେଠି ପିଚ୍‌ରୋଡ୍
ଘାସଟିଏ କଅଁଳେ ବି ନାହିଁ
ମାଟିର ସବୁଜ ବୁକୁ
ରହିଗଲା ପିଚୁର ସାଞ୍ଜୁରେ
ଗାଡ଼ି ସିନା ଗଡ଼ିଯିବ
ଯିବାର ତ ଦରକାର ନାହିଁ
ଘର ଅଛି, ଗଲି ଅଛି
ସିଏ ସେଠୁ ଯାଇଛି ଦୂରେଇ ।
ତା ନୂଆ ଠିକଣା ଆଉ ଦରକାର ନାହିଁ
ସାଞ୍ଜୁ ଡେଇଁ ବୁକୁର ମମତା
ଯାଇ ତ ପାରିବ ନାହିଁ
ଯିବାର ବି ପ୍ରୟୋଜନ ନାହିଁ
ଆଜି ସେଠି ପିଚୁରୋଡ଼୍
ଘାସଟିଏ କଅଁଳେ ବି ନାହିଁ ।

Digitized by srujanika@gmail.com

ଦୁଃଖ

ଦୁଃଖ ପୁଣି ବୁଲଆସେ
ଅମାବଆ ହୋଇ
ତାକୁ ମୁଁ ମନାଇ ଦିଏ
ମନଟିକୁ ଟିକେ ଟିକେ ପ୍ରବୋଧନା ଦେଇ
ଓଠରେ ଚୁମାଇ ଦିଏ
ସରୁ ଏକ ଷ୍ଟ୍ର’ ଟିଏ
ହାତରେ ଧରାଇ ଦିଏ ଥଣ୍ଡା କାଚ
ଥଣ୍ଡା ପାଣୀୟର
ଆଉ ହାତେ ଅଧାଜଳା
ଫିଲ୍ଟର୍ ଉଷ୍ମ ହେଉଥାଏ ।

ଦୁଃଖ ଆସେ ବେଳେ ବେଳେ
ସୁନ୍ଦର ସୁରରେ
ଶୀତଳ ପବନେ
ମେଘୁଆ ଆକାଶ ତଳେ
ଚଳନ୍ତୀ ସ୍କୁଟର୍ ପରେ
ସବୁଜିଆ ଲ୍ୟାଣ୍ଡସ୍କେପ୍ ଭରି ଭଲଲାଗେ
ଭାରି ଭାରି ଦୁଃଖ ଯେତେ
ଆପେ ଆପେ ହାଲୁକା ହୋଇ ଖେଳେ
କେଉଁ ଏକ କାଳ୍ପନିକା
ତନୁପାତଳୀର
ସାମ୍ପୋକରା ଅସରା ବାଳରେ ।

ଦୁଃଖ ଥାଏ ଗୁଡ଼ାହୋଇ
ଖିଆଲ୍‌ର ଶବ୍ଦକରା
ଲଜେଞ୍ଜ୍‌ସ୍ ଜରିରେ

Digitized by srujanika@gmail.com

ଦୁଃଖ ପୁଣି ଆସିଥାଏ
କ୍ଲାସ୍ ଓ୍ୱାନ୍ କ୍ୱାର୍ଟରର ପୋର୍ଟିକୋକୁ ଛୁଇଁ
ଅନାସକ୍ତ ଝାଉଁ ଦେଇ
ଲୁଚିଥାଏ ମଧୁ ମାଳତୀରେ
(ସେ ଦୁଃଖର ନରମ ସ୍ୱାଦରେ
ମନେ ପଡ଼େ ମାମୀ ବୋଲି ଝିଅଟିଏ ଥିଲା
ଆମ କଲେଜରେ) ।

ଦୁଃଖ ଆଜ ଝରିଯାଏ
ଅକାତରେ ମୋ ଉପରେ
ଜୋଛନାର ଧାରେ ଧାରେ
ମୁଁ ମୋର ବସିଥାଏ ଏକଲାରେ
ଛାତଟା ଉପରେ

ଦୁଃଖ ଆସେ ଛପି ଛପି ଲୁଚକାଳି ଖେଳି
ଦେବଦାରୁ ଫାଙ୍କେ ଫାଙ୍କେ
ଚମକାଇ ଦେବାପାଇଁ ମୋତେ
ମୁଁ ତାକୁ ଠକାଇ ଦିଏ
ହୋଷ୍ଟେଲ୍‌ର ଅନ୍ଧାର ଭିତରେ
ଦୁଃଖ ଆଉ ପାଏ ନାହିଁ ଦୁର୍ବଳତା ମୋର
ଷ୍ଟାମ୍ପ୍ ଖାତା ପତ୍ର ମୋର
ସୁପ୍ତ ଥାଏ ଆଟାଚୀ ଭିତରେ
ମୁଁ କଟି ପକେଇ ଦେଲେ
ଦୁଃଖ ବୋଧେ ଦୁଃଖ କରେ ମୋ ପାଇଁ
ମୁଁ ଜାଣିପାରେ
ଅଜଣାରେ ମୋ ଆଖିରୁ
ଦୁଇ ଟୋପା ଲୁହ ଝରିପଡ଼େ
ସେ ଲୁହ ମୁଁ ପୋଛେ ନାହିଁ
ସିଏ ଖର ସଉଖୀନ୍ ଲୁହ
ସିଏ ମୋତେ ବଞ୍ଚିବାରେ ଶିହରଣ ଦିଏ ।

Digitized by srujanika@gmail.com

ଅସ୍ତରାଗ

ତୁ ବି ସେଇ ନୀଳ ଆକାଶର ବିହଙ୍ଗୀ
ଯେ ଉଡ଼ିଯାଏ ହଜିଗଲ୍ ନୀଳ ହୋଇ
ଅନ୍ୟ ଦିଗନ୍ତକୁ ।

ତୁ ଋତୁମଣି
ଇତର ଡାକରାରେ ହିଁ ତୁ ଉଡ଼ିଯାଉ
ଭୁଲିଯାଉ
ତୋ ବଗିଚା ମାଡର
ନୀରବ ପଡ଼ୋଶୀଟିକୁ ।

ଇଚ୍ଛାମଣି !
ଆଜି ତୁ ପାରିବୁ ନାହିଁ
ଇଚ୍ଛାକରି ଏଠିକି ଲେଉଟି
ନିଜ ଅଜଣାରେ ହିଁ
ତୁ ନିଜେ ଦେଇଛୁ କାଟି
ଏ ମାଡ଼ର ଆମନ୍ତ୍ରଣ
ତୋ ଋତୁଚକ୍ରରୁ ।

କଳାବଣି !
ତୋ କଳାର ଡେଣା ମେଲି
ଯୌବନର ଘନ ନୀଳିମାରେ
ସ୍ୱପ୍ନରେ ଭିଜାଇ ଥିଲୁ
ତନ୍ଦ୍ରାରେ ଉଜାଇଥିଲୁ
ସ୍ନେହରେ ସଜାଇଥିଲୁ ସ୍ୱାଗତିକା
କେଉଁ ଆସନ୍ତାର !
ତୋ କଳାର ନିପୁଣତା ନେଇ
ତୁ ସତେ ଯାଇଛୁ ଭୁଲି !

Digitized by srujanika@gmail.com

ଏ ତୋଟା ହୋଇଛି ଖାଲି
ସହକାରେ ଖାଲି ହାହାକାର
ଶୂନ୍ୟତାରେ ତୋର ।

ତୁ ଆଜ ଯାଇଛୁ ହୋଇ
କେଉଁ କାଳଯାଏ ପରେ
ମନୋରମ ସାୟଂତନୀ
ସ୍ନିଗ୍ଧ, ସୁମଧୁର
ଏଠି ଖାଲି ତୋ ବିହୁନେ
ବେଦନାନ୍ତ
ସାଂଧ୍ୟ ଅନ୍ଧକାର ।

Digitized by srujanika@gmail.com

୪

ଏମିତି ଅସରାଟିରେ ଭିଜିଯାଏ ସମଗ୍ର ସହର
ଭିଜିଯାଏ ଶୁଖା ମାଟି, ଦେହ, ମାଂସ
ସବୁ ସିକ୍ତ ଏବଂ ଝର ଝର ।

ଏମିତି ଅସରାଟିରେ
ରେଖାଟିଏ ବୃତ୍ତ ହୋଇଯାଏ
ସ୍ମୃତିଟିଏ ସ୍ମୃତି ହୁଏ
କୁହୁଡ଼ିର ଭ୍ରାନ୍ତି ନେଇ ଧୂଆଁ ଉଠେ
ଓଦା ଚୁଲ ଭେଦ ଭେଦ କୋହଲ୍ ଆକାଶେ
ଥପ୍ ଥପ୍ ପାଣି ଗଳେ
ଅତୃପ୍ତିର ଶବ୍ଦ ସୃଜି ଜଳନ୍ତା ଚୁଲିରେ ।

ନର୍ଦ୍ଦମାର ପାଣି ଚୁଲେ, ପାଦ ବୁଡ଼େ
ପାଦ ଚୁଲେ ଗଳିରୁ ଗଳିକୁ
ସତର୍କ ଆଖିରେ ଆଉ ଦୃଶ୍ୟ ହୁଏନାହିଁ ପଥ
ଗୋଡ଼ ଖସିଯାଏ ପୁଣି ପଙ୍କ ଗାଡ଼ିଆରେ
ଅସରାର ଶେଷ ଶବ୍ଦ ଟେଲିଫୋନ୍ ତାରରେ ଶୁଖିବ ।

ଶୁଖିଯିବ କେତେ ପଙ୍କ ଖୁର ଫାଙ୍କେ ଓଲେଇ ଗାଈର ।
କୁନିପୁଅ ହସ୍ତାକ୍ଷର ଖାତା ଚିରା କାଗଜ ଡଙ୍ଗାରେ
ଲାଗିଥିବ ମେଞ୍ଚାଏ କାଦୁଅ
ତା ଉପରେ ଚକ୍ ଚକ୍ କରୁଥିବ ଛିଲ ରୁପା ମୁଦିଟିଏ
ଯଶୋଦାର ପାଦ-ଆଙ୍ଗୁଳିର ।
ପୁନଶ୍ଚ ଖରାରେ ଯାହା ଶୁଖି ଯାଇଥିବ
ଅନାବନା ବହୁ ପାଦଚିହ୍ନ ।

Digitized by srujanika@gmail.com

ଲକ୍ଷ୍ମୀ

ତୁମ ଗଳାରୁ ଲମ୍ବି ଆସିଥିବା
ପଦ୍ମମାଳରେ ଝଟକୁଥିବା ଜଳବିନ୍ଦୁରେ
ତୁମ ପଦେ ସମର୍ପିତ ଫୁଲ ଦେହେ
ପାଖୁଡ଼ାର ଅର୍ଘ୍ୟ ମୁଦ୍ରା ପରେ
ଶତ ଦୀପ ଶିଖା ଝଲକରେ
ଦୋଳାୟିତ ଦ୍ୟୁତ ବଳୟରେ
ମୁକ୍ତାମାଳ ରତ୍ନପ୍ରଭାମୟ ମଣ୍ଡଳରେ
ଲାସ୍ୟମୟ ଐଶ୍ୱର୍ଯ୍ୟର ରୂପଶ୍ରୀର କେନ୍ଦ୍ରବିନ୍ଦୁ ପରେ
ଚନ୍ଦନର ମହକରେ ଧୂପଧୂମ କୁଣ୍ଡଳୀରେ
ତୁମେ ।
ତୁମେ ଲକ୍ଷ୍ମୀ
ତୁମେ ।
ତୁମ ପାହାଚର ଧାରେ ବସିଥିବା
ଭକ୍ତ ହୃଦୟରେ
ତା ଶୂନ୍ୟ ହସ୍ତରେ ଲିଖି
ଯାଇଥିବା ତୁମ ଛୁଆଁ ପ୍ରସାଦ ସିନ୍ଦୂରେ
ସାଗର ବେଳାରେ ସିଏ
ଲେଖିଦେଇ ଗଲା ପରେ
କିଛି ହସ୍ତାକ୍ଷର
ଆଙ୍କିଦେଇ ଗଲାପରେ କିଛି ପଦଚିହ୍ନ
ଗଢ଼ିଦେଇ ଗଲା ପରେ ବାଲିଘର
ବାଲିର ମନ୍ଦିର
ଧୋଇନେଇ ଯାଏ ସବୁ ଯେଉଁ ଢେଉ
ସେଇ ଲହରୀରେ
ତୁମେ ।
ତୁମେ ଲକ୍ଷ୍ମୀ
ତୁମେ ।

Digitized by srujanika@gmail.com